# ଜାତୀୟ ଗୋପ୍ରଜନନ ଯୋଜନାରେ ଗୋମିତ୍ରଙ୍କ ସଫଳ କାହାଣୀ

## ସଫଳ କାହାଣୀ - ୧

## ଜୀବନରେ ସାର୍ଥକତା

ମୁଁ ଗତବର୍ଷ ୪.୫.୨୦୦୫ କାର୍ଯ୍ୟ ଆରମ୍ଭ କରିଥିଲି। ପ୍ରଥମେ ମୋତେ କେତେଗୁଡ଼ିଏ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ବର୍ତ୍ତମାନ ମୁଁ ୩୬୦ଟି ଏ.ଆଇ. କରିଛି। ସେଥିରୁ ୨୦୮ଟି ଗାଈର ଗର୍ଭ ଅଛି। ବର୍ତ୍ତମାନ ୧୮ଟି ବାଛୁରୀ ଜନ୍ମ ହୋଇସାରିଛନ୍ତି। ଏବର୍ଷ ଭ୍ୟାକ୍ସିନେସନ କରିଥିଲି- ଏଚ୍.ଏସ୍.ଭି. - ୬୦୦, ବି.କ୍ୟୁ-୪୦୦, ଏଫ୍.ଏମ୍.ଡି.ଭି. - ୨୦୦। ଆମ ପଞ୍ଚାୟତରେ ଗତବର୍ଷ ଗୋଟିଏ ପଶୁ ଚିକିତ୍ସା ଶିବିରର ଆୟୋଜନ କରିଥିଲି। ସେଥିରେ କଟକ ଜିଲ୍ଲା ସି.ଡି.ଭି.ଓ., ଏ.ଡି.ଭି.ଓ. ଓ ଅନେକ ଡାକ୍ତର ସହଯୋଗ ଦେଇଥିଲେ। ଏଠାରେ ୬୦୦ ଗୋରୁଗାଈ ଆସିଥିଲେ ଓ ଔଷଧ ବିତରଣ କରାଯାଇଥିଲା। ଗ୍ରାମର ଲୋକମାନେ ଆଗରୁ ଭି.ଏ.ଏସ୍‌ଙ୍କ ପାଖକୁ ଯାଉଥିଲେ। ଏବେ ମୁଁ ଗାଈଗୋରୁଙ୍କର ପ୍ରାଥମିକ ଚିକିତ୍ସା କରିପାରୁଛି। ଗ୍ରାମରେ ଥିବା ଗରିବ ଲୋକମାନଙ୍କୁ ମାଗଣାରେ ସେବା ଯୋଗାଇ ଦିଆଯାଉଛି। ଆଗରୁ ଯେଉଁମାନେ ଗୋପାଳନରେ କ୍ଷତି ସହୁଥିଲେ ଏବେ ସେମାନେ ଲାଭ କରୁଅଛନ୍ତି।

ଗୋଟିଏ ଏଲ୍.ଏ.ସି.ରେ ଜଣେ ଏଲ୍.ଆଇ ଯେଉଁ ଭାବରେ କାର୍ଯ୍ୟ କରୁଛି ମୁଁ ଅନୁମାନ କରୁଛି ଏଲ୍.ଆଇ ଅପେକ୍ଷା ମୁଁ ଭଲ କାମ କରିପାରୁଛି। କିନ୍ତୁ ମନରେ ଗୋଟିଏ ଦୁଃଖ ରହୁଛି ସରକାର ଏଲ୍.ଆଇମାନଙ୍କୁ ୯୦୦୦ ଟଙ୍କା ଦେଉଛନ୍ତି। ଆମେ ସେହି କାମ କରି ମଧ୍ୟ ଆମ୍ଭ ୧୦୦ ଟଙ୍କା ଦେଉ ନାହାନ୍ତି। ମନରେ ବେଳେ ବେଳେ ଖୁସି ଲାଗେ ଯେ ମୁଁ ମାଗଣାର ସେବା କରୁଛି ତାହାହିଁ ଜୀବନରେ ସାର୍ଥକତା। ଗତ ଜନ୍ମରେ ମୁଁ କି ପାପ କରିଥିଲି ମୁଁ ଜାଣିନି। ହେଲେ ଏ ଜନ୍ମରେ ଭଗବାନଙ୍କ ଦୟାରୁ ମୁଁ ଗୋରୁଗାଈଙ୍କ ସେବା କରିବା ସହିତ ଗ୍ରାମରେ ଥିବା ଗରିବଲୋକମାନଙ୍କ ପାଇଁ କମ୍ ମୂଲ୍ୟରେ ସେବା ଦେଇପାରୁଛି ଏବଂ ମୋ ମନରେ ଟଙ୍କା ପାଇବାର ଲୋଭ ନରଖି କାମ କରିଚାଲିଛି। ଆମକୁ ଯେତିକି ଶିକ୍ଷା ଦିଆଯାଇଛି ତାହା ଯଥେଷ୍ଟ ନୁହେଁ। ମୁଁ ଆପଣଙ୍କୁ ଅନୁରୋଧ କରୁଛି ଆମ୍ଭମାନଙ୍କୁ ଆଉ କିଛି ଅଧିକ ଶିକ୍ଷା ଦିଆଯାଉ।

ଜଗନ୍ନାଥ ରାଉତ
ରାମକୃଷ୍ଣପୁର, ଡାକ୍ଷ୍ୟାବଳି, ନିଶ୍ଚିନ୍ତକୋଇଲି, କଟକ, ଫୋନ୍ : ୯୪୩୭୫୦୮୯୦୫

## ସଫଳ କାହାଣୀ-୨

## ''ପଶୁଚିକିତ୍ସା ବିଭାଗ ଉପରେ ଭଲ ଧାରଣା''

ମୁଁ ୧୧ ମାସ ହେବ ଗୋ-ମିତ୍ର ଭାବରେ ରୋହିଆ ଜି.ପି.ରେ କାମ କରି ଆସୁଅଛି। ମୁଁ ଏହି ୧୧ ମାସ ମଧ୍ୟରେ ୩୯୭ଟି ଏ.ଆଇ. କରିଅଛି। ଏହି କାର୍ଯ୍ୟ ଲୋକଙ୍କ ପାଖରେ ପହଞ୍ଚି ପାରୁଥିବାରୁ ଲୋକମାନଙ୍କର ପଶୁଚିକିତ୍ସା ବିଭାଗ ଉପରେ ଭଲ ଧାରଣା ଆସୁଅଛି। କୃତ୍ରିମ ପ୍ରଜନନ ବ୍ୟତୀତ ଭ୍ୟାକ୍ସିନେସନ୍, ଫାଷ୍ଟଏଡ୍ ଏବଂ ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟ କରାଯାଉଅଛି। ଏହି ସବୁ କାର୍ଯ୍ୟ ପାଇଁ ଭି.ଏ.ଏସ୍. ଏବଂ ଅନ୍ୟ ଷ୍ଟାଫ୍‌ମାନେ ମଧ୍ୟ ଉତ୍ସାହିତ କରୁଛନ୍ତି।

ମୁଁ ରୋହିଆ ଜି.ପି.ରେ ୭ଟି ଗ୍ରାମରେ କାର୍ଯ୍ୟ କରୁଥିଲି କିନ୍ତୁ ମଝିରେ ମୁଁ ଶୁଣିବାକୁ ପାଇଲି ଯେ ଏହି ଜି.ପି.ର ଦୁଇଟି ଓମ୍‌ଫେଡ୍ କାଉଣ୍ଟରରେ କୃତ୍ରିମ ପ୍ରଜନନ ପାଇଁ ଟ୍ରେନିଂ ଦିଆଯାଉଛି। ଏହି ବିଷୟର ମୁଁ ସି.ଡି.ଭି.ଓ., ଜଗତସିଂହପୁରକୁ ଲିଖିତ ଆକାରରେ ଜଣାଇଥିଲି। ସେ କହିଥିଲେ ସେଠାରେ ସେଣ୍ଟର ଖୋଲା ଯିବ ନାହିଁ କିଛି ମାସ ହେବ ସେଣ୍ଟରରେ ଏ.ଆଇ. ଆରମ୍ଭ ହେଲାଣି। ଯାହାଫଳରେ ୪ଟି ଗ୍ରାମରେ ମୋର କୃତ୍ରିମ ପ୍ରଜନନ ବନ୍ଦ ହୋଇ ଗଲାଣି। କିନ୍ତୁ ଶୁଣିବାକୁ ମିଳୁଛି ଯେ ସେହି ସେଣ୍ଟରରୁ ଆଉ ଗୋଟିଏ ସେଣ୍ଟରକୁ ସେହି ପଞ୍ଚାୟତରେ ରୋହିଆ ଗ୍ରାମକୁ ସ୍ଥାନାନ୍ତରିତ କରାଯିବ। ଯାହାଫଳରେ ସେହି ଗ୍ରାମପଞ୍ଚାୟତରେ ସମସ୍ତ ଗ୍ରାମର ମୋର କୃତ୍ରିମ ପ୍ରଜନନ ବନ୍ଦ ହୋଇଯିବ। ତେଣୁ ଏହି ସେଣ୍ଟରକୁ ବନ୍ଦ କରା ନଗଲେ ଏହି ଗ୍ରାମ ପଞ୍ଚାୟତରେ ଗୋ-ମିତ୍ର ଏ.ଆଇ. ବନ୍ଦ ହୋଇଯିବ।

ବନଜ କୁମାର ମହାନ୍ତି
ଗୋ-ମିତ୍ର, ରୋହିଆ ଗ୍ରାମପଞ୍ଚାୟତ, ନାଉଗାଁ, ଜଗତ୍‌ସିଂହପୁର

## ସଫଳ କାହାଣୀ - ୩

## ''ଚିକିତ୍ସାର ସୁଯୋଗ''

ମୁଁ ପିପିଲି ନିକଟସ୍ଥ ଜଗନ୍ନାଥପୁରର ଗୋ-ମିତ୍ର ଶତ୍ରୁଘ୍ନ ବାରିକ। ଲେଖିବାର କାରଣ ଆମ ଗ୍ରାମପଞ୍ଚାୟତରେ କିପରି ଗାଈମାନଙ୍କର କୃତ୍ରିମ ପ୍ରଜନନ କରାଯିବ ସେଥିପାଇଁ ବହୁତ ଆଗ୍ରହୀ ହୋଇଥିବାରୁ ମୋତେ ଠାକୁରଙ୍କର ଆଶୀର୍ବାଦ ମିଳିଲା। ଯାହା ଫଳରେ ମୁଁ ଏହାର ସୁଯୋଗ ପାଇଲି।

ମୁଁ ୭୦ରୁ ୮୦ଟି ଗାଈମାନଙ୍କୁ କୃତ୍ରିମ ପ୍ରଜନନ କରାଇ ଅନେକ ବାଛୁରୀ ବାହାର କରିପାରିଛି। ଆଉ ଅଧିକରୁ ଅଧିକ ବାଛୁରୀ ବାହାର କରିବା ପାଇଁ ମୋର ବହୁତ ଇଚ୍ଛା। ତାହା ସହିତ ଗୋରୁ ଗାଈମାନଙ୍କର ଅନ୍ୟାନ୍ୟ ଚିକିତ୍ସା କରିବା ପାଇଁ ମୋତେ ସୁଯୋଗ ମିଳିଲେ ମୁଁ ଏହାକୁ ଖୁବ୍ ଖୁସିରସହ କରିବି। ତେଣୁ ମୋତେ ସରକାର ତରଫରୁ କିଛି ସୁଯୋଗ ମିଳିଲେ ମୁଁ ଅଧିକରୁ ଅଧିକ ଚିକିତ୍ସା କରିବା ପାଇଁ ଆଗେଇବି। ତେଣୁ ମୋତେ ଏହି ସୁଯୋଗ ଦିଆଗଲେ ମୁଁ ମୋର ଗନ୍ତବ୍ୟ ପଥରେ ଆଗେଇ ଯିବି।

ଆପଣଙ୍କର ଗୋମିତ୍ର
ଶତ୍ରୁଘ୍ନ ବାରିକ (ମୁନା)
ଜଗନ୍ନାଥପୁର, ପିପିଲି, ପୁରୀ, ଫୋନ - ୨୪୦୧୬୦

## ସଫଳ କାହାଣୀ -୪

## ''ଗୋ-ମିତ୍ରଙ୍କ ସ୍ଥାୟୀତ୍ୱ''

ମୁଁ, ଭାର୍ଗବ ପଟ୍ଟନାୟକ, ଗ୍ରାମ-ବଡ଼ପଦର, ପୋ-ମାଣିବନ୍ଧ, ଭାୟା-ପିତୁକୁଳି, ଥାନା-ବେଗୁନିଆଁ, ଜିଲ୍ଲା-ଖୋର୍ଦ୍ଧାର ବାସିନ୍ଦା ଅଟେ। ମୁଁ ୨୦୦୫ ମସିହା ଜୁଲାଇ ୨୩ ତାରିଖରେ ସରକାରଙ୍କ ଅଧିନରେ 'ଗୋ-ମିତ୍ର' ହିସାବରେ କାମ କଲି।

ମୁଁ ୧୧ ମାସ ହେଲା ଏହି ଗୋ-ମିତ୍ର କାମ କରି ଆସୁଅଛି। ମୋର ନିକଟସ୍ଥ ଏଲ୍.ଆଇ. ସେଣ୍ଟର, ଗେଡ଼ିଆପଲ୍ଲୀ ଏବଂ ମୋର ଭି.ଡି. ବୋଲଗଡ଼।

ମୁଁ କୃତ୍ରିମ ପ୍ରଜନନ ପ୍ରାୟ ୫୦ଟି ଗାଈଙ୍କଠାରେ କରିଅଛି ଏବଂ ଟିକାଦାନ କରିଅଛି। ଧରାଣ, କାଟିବା ଏବଂ ଚିପିବା ପ୍ରାୟ ୬୦ଟି କରିଅଛି। ଭି.ଏ.ଏସ୍., ଏଲ୍.ଆଇ.ଙ୍କ ସାଙ୍ଗରେ ଯାଇ ଚିକିତ୍ସା କରିଅଛି। ବର୍ତ୍ତମାନ ମୁଁ ନିଜେ ଚିକିତ୍ସା କରିବା ପାଇଁ ଉପଯୁକ୍ତ। ପ୍ରାୟ ମୁଁ ବ୍ୟକ୍ତିଗତ ଭାବରେ ପ୍ରାୟ ଚାରିଶହ ପଶୁଙ୍କୁ ଚିକିତ୍ସା କରିଅଛି ଏବଂ ସଫଳ ମଧ୍ୟ ହୋଇଅଛି। ଶିଙ୍ଗ କାଟି ଅପରେସନ୍ ମଧ୍ୟ କରିଅଛି। ଇଣ୍ଟ୍ରାଭେନ୍‌ସରେ ମଧ୍ୟ ସାଲାଇନ, କ୍ୟାଲସିୟମ୍ ଦେଇଅଛି। ହିପୋକାଲେସିମିଆ କେସ୍‌ରେ ଚିକିତ୍ସା କରି ସଫଳ ହୋଇଅଛି। ତେଣୁ ମୋର ସରକାରଙ୍କୁ ଅନୁରୋଧ ଆମ ଗୋମିତ୍ର ସେଣ୍ଟରମାନଙ୍କୁ ଔଷଧ ଏବଂ ଆବଶ୍ୟକୀୟ ଯନ୍ତ୍ରପାତି, ଟ୍ରାଭିସ୍ ଏବଂ କିଛି ଆସବାବପତ୍ର, ଆଲମିରା ଏବଂ ସେଣ୍ଟରରେ ସୁରକ୍ଷା ଦିଆଯାଉ। ଆମ୍ଭଙ୍କୁ ସ୍ଥାୟୀ କରା ନ ଗଲେ ଲୋକମାନଙ୍କର ଆମ୍ଭ ପ୍ରତି ବିଶ୍ୱାସ ତୁଟିଯିବ ଏବଂ କାର୍ଯ୍ୟ ମଧ୍ୟ ବନ୍ଦ ହୋଇଯିବ। ବିନା